# 1st Meeting of the India - Australia Joint Working Group on Cyber Security Cooperation

June 10, 2021

## ଭାରତ-ଅଷ୍ଟ୍ରେଲିଆ ସାଇବର ସୁରକ୍ଷା ସହଯୋଗ ଉପରେ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଠକ

ଜୁନ 10, 2021

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସାଇବର ସୁରକ୍ଷା ସହଯୋଗ ଉପରେ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀ (ଜଡବ୍ଲୁଜି) ର ପ୍ରଥମ ବୈଠକ 10 ଜୁନ 2021ରେ ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହୋଇଯାଇଛି।

ଦୁଇ ଦେଶ ମଧ୍ୟରେ ସୁରକ୍ଷା ସହଯୋଗ ଉପରେ ଆଲୋଚନା କରିବାକୁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ (ଓସେନିଆ) ଶ୍ରୀମତୀ ପାଉଲୋମି ତ୍ରିପାଠୀ ଏବଂ ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ଏବଂ ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ପରାମର୍ଶଦାତା (ସାଇବର ବ୍ୟାପାର ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା) ଶ୍ରୀମତୀ ରାଚେଲ ଜେମ୍ସ ନିଜ ଦେଶର ବିଶେଷଜ୍ଞଙ୍କ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

ସାଇବର ସୁରକ୍ଷା ସହଯୋଗ ଉପରେ ମିଳିତ କାର୍ଯ୍ୟଗୋଷ୍ଠୀ ହେଉଛି ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସାଇବର ଓ ସାଇବର-ଚାଳିତ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ନେଇ ନିର୍ମିତ ଫ୍ରେମୱାର୍କ ଯୋଜନା ଅଧୀନସ୍ଥ ଏକ ମେକାନିଜିମ ଯାହା 2020-25 ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପରିକଳ୍ପିତ। ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ପାଇଁ ଏହା ନୀତି ନିର୍ମାତା ଏବଂ କାର୍ଯ୍ୟସ୍ତରୀୟ ବିଶେଷଜ୍ଞମାନଙ୍କୁ ଏକତ୍ର କରିଥାଏ।

ଜେଡବ୍ଲୁଜିର ଏହି ପ୍ରଥମ ବୈଠକରେ 4 ଜୁନ 2020ରେ ଦୁଇ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ନେତାଙ୍କ ଭର୍ଚୁଆଲ୍ ଶିଖର ସମ୍ମିଳନୀରେ ଦ୍ୱିପାକ୍ଷିକ ସମ୍ପର୍କ ବିସ୍ତୃତ ରଣନୀତିକ ଭାଗିଦାରୀ (ସିଏସପି) କୁ ଉନ୍ନୀତ ହେବା ପରେ ଦ୍ୱିପାକ୍ଷିକ ସମ୍ପର୍କରେ ସ୍ଥିର ଅଗ୍ରଗତି ହୋଇଥିବା ଉଭୟ ପକ୍ଷ ଉଲ୍ଲେଖ କରିଥିଲେ ଏବଂ ସାଇବର ଓ ସାଇବର-ଚାଳିତ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ନେଇ ଫ୍ରେମୱାର୍କ ଯୋଜନା ଦ୍ୱାରା ଚିହ୍ନିତ ଡିଜିଟାଲ୍ ଅର୍ଥନୀତି, ସାଇବର ସୁରକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକତ୍ର କାର୍ଯ୍ୟ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଭାରତ ଏବଂ ଅଷ୍ଟ୍ରେଲିଆ ସାଇବର ସୁରକ୍ଷା ବିପଦର ଆକଳନ କରିବା ସହିତ ଆଇନ ତଥା ଜାତୀୟ ସାଇବର ରଣନୀତି ବିଷୟରେ ପରସ୍ପରକୁ ସୂଚନା ପ୍ରଦାନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ସୂଚନା ଭିତ୍ତିଭୂମି ତଥା 5ଜି ଟେକ୍ନୋଲୋଜି ଏବଂ ଆଇଓଟି ଉପକରଣଗୁଡ଼ିକର ସୁରକ୍ଷାକୁ ମଜବୁତ କରିବାର ଆବଶ୍ୟକତା ଦର୍ଶାଇ ଭାରତ ଏବଂ ଅଷ୍ଟ୍ରେଲିଆ ଘରୋଇ କ୍ଷେତ୍ର ଓ ଶିକ୍ଷା ଜଗତ ସହିତ ସହଯୋଗ ବୃଦ୍ଧି କରିବାକୁ ଏବଂ ଦକ୍ଷତା ଓ ଜ୍ଞାନ ବିକାଶରେ ମିଳିତ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ। ବହୁପକ୍ଷୀୟ ମଞ୍ଚରେ ସହଯୋଗକୁ ମଜବୁତ କରିବାକୁ ଉଭୟ ପକ୍ଷ ମଧ୍ୟ ସହମତ ହୋଇଥିଲେ।

ପରବର୍ତ୍ତୀ ଦ୍ୱିପାକ୍ଷିକ ସାଇବର ନୀତି ଆଲୋଚନା ଏବଂ ସୂଚନା ଓ ସଂଚାର ପ୍ରଯୁକ୍ତିବିଦ୍ୟା (ଆଇସିଟି) ଉପରେ ଜେଡବ୍ଲୁଜିର ପ୍ରାରମ୍ଭିକ ବୈଠକ ଶୀଘ୍ର ଆୟୋଜନ କରିବାକୁ ଉଭୟ ପକ୍ଷ ଆଗ୍ରହ ପ୍ରକାଶ କରିଥିଲେ।

**ନୂଆଦିଲ୍ଲୀ**

ଜୁନ 10, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.